ଏଲ୍.ଆର୍.ଏସ୍ ଙ୍କ ଦ୍ୱାରା ଶ୍ରୀମତୀ ଇନ୍ଦିରା ସୋହନ ଲାଲ (ମୃତ)

ବନାମ

ଭାରତ ସଂଘ

ଅକ୍ଟୋବର 25,1996

[କେ. ରାମାସ୍ୱାମୀ ଏବଂ ଏସ୍.ପି. କୁର୍ଦୁକର୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894 :*

*କ୍ଷତିପୂରଣ—ଅଧିନିର୍ଣ୍ଣୟ—ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟଙ୍କ ଦ୍ୱାରା କ୍ଷତିପୂରଣରେ ବୃଦ୍ଧି—ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗଭୀର ଗର୍ତ୍ତ ବିଶିଷ୍ଟ ପ୍ରତି ବିଘା ଜମି ପାଇଁ 7000 ଟଙ୍କାକୁ ଆହୁରି ବୃଦ୍ଧି—ଜମି ପାଇଁ ବିକାଶ ଆବଶ୍ୟକ ଥିଲା—ଉଚ୍ଚ ନ୍ୟାୟାଳୟ ସମସ୍ତ ପ୍ରାସଙ୍ଗିକ ତଥ୍ୟକୁ ବିଚାର କରିଛନ୍ତି ଏବଂ ପ୍ରତି ବିଘା ପାଇଁ 7000 ଟଙ୍କା ସମାନ ହାରରେ କ୍ଷତିପୂରଣ ସଠିକ ଭାବରେ ନିର୍ଣ୍ଣୟ କରିଛନ୍ତି—କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 14553/1996

ଆର୍.ଏଫ୍.ଏ. ସଂଖ୍ୟା 468/1989ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 20.7.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ମୁକୁଲ ମୁଦଗଲ ।

ଉତ୍ତରଦାତାଙ୍କ ପାଇଁ ହରେଶ ଗୁପ୍ତା ଏବଂ ୱାସିମ କାଦରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ନିର୍ଦ୍ଦେଶ ପ୍ରଦାନ କରାଗଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷଙ୍କର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

1894 ମସିହାର ଭୂମି ଅଧିଗ୍ରହଣ ଅଧିନିୟମର ଧାରା 4(1) (ସଂକ୍ଷେପରେ, 'ଅଧିନିୟମ') ଅନୁଯାୟୀ ଜାନୁଆରୀ 23, 1965 ମସିହାରେ ଯୋଜନାବଦ୍ଧ ବିକାଶ ପାଇଁ

ତୁଘଲକାବାଦର କାଲକାଜିରେ ପ୍ରାୟ 14,000 ବିଘା ଜମି ଅଧିଗ୍ରହଣ କରିବା ପାଇଁ ଅଧିସୂଚନା ପ୍ରକାଶିତ ହୋଇଥିଲା । ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନରେ ବିବାଦ 38 ବିଘା, 5 ବିଶ୍ୱାସ ଜମି ସହିତ ଜଡ଼ିତ ଅଟେ । ଜିଲ୍ଲାପାଳ 8 ରୁ 10 ଫୁଟ ଗଭୀର ଗର୍ତ୍ତ ଥିବା ଜମି ପାଇଁ ପ୍ରତି ବିଘା ପାଇଁ 700 ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ । ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟ ପ୍ରତି ବିଘା ପାଇଁ 4,000 ଟଙ୍କା କ୍ଷତିପୂରଣ ବୃଦ୍ଧି କରିଥିଲେ । ଉଚ୍ଚ ନ୍ୟାୟାଳୟ ଗର୍ତ୍ତ ଥିବା ଜମି ପାଇଁ ପ୍ରତି ବିଘା ପାଇଁ 7,000 ଟଙ୍କା କ୍ଷତିପୂରଣ ବୃଦ୍ଧି କରି ସମତଳ ଜମି ପାଇଁ ପ୍ରତି ବିଘା ପାଇଁ 17,000 ଟଙ୍କା ଉନ୍ନୟନ ଶୁଳ୍କର 1/3 ଅଂଶ କାଟିଥିଲେ ଏବଂ ସେହି ଅନୁସାରେ କ୍ଷତିପୂରଣ ନିର୍ଦ୍ଧୟ କରିଥିଲେ ।

ଅପିଲକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଶ୍ରୀ ମୁକୁଲ ମୁଦଗଲ ଯୁକ୍ତି ଦର୍ଶାଇଥିଲେ ଯେ, ସମାନ ମାମଲାରେ ଉଚ୍ଚ ନ୍ୟାୟାଳୟ ସମତଳ ଜମି ପାଇଁ କ୍ଷତିପୂରଣକୁ ବିଘା ପିଛା 40,000 ଟଙ୍କାକୁ ବୃଦ୍ଧିକରିଥିବା ଯୋଗୁଁ, 8 ରୁ 10 ଫୁଟ ଗଭୀର ଗାତ ଥିବା ଜମି ପାଇଁ ପ୍ରତି ବିଘା ପିଛା 7,000 ଟଙ୍କା କ୍ଷତିପୂରଣ ବେଆଇନ ଅଟେ । ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ହେଉଛି ଯେ, 8 ରୁ 10 ଫୁଟ ଗଭୀର ଗାତ ଥିବା ଜମି ପାଇଁ ଉଚ୍ଚ ନ୍ୟାୟାଳୟ ଯେଉଁ ପ୍ରତି ବିଘା ପାଇଁ 7,000 ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି, ତାହା ନ୍ୟାୟସଙ୍ଗତ ଏବଂ ଯଥେଷ୍ଟ ଅଟେ । କ୍ଷତିପୂରଣ ବୃଦ୍ଧି କରିବା ପାଇଁ କୌଣସି ଆବଶ୍ୟକ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ, ଉଚ୍ଚ ନ୍ୟାୟାଳୟ ସମତଳ ଜମି ପାଇଁ ପ୍ରତି ବିଘା ପାଇଁ 40,000 ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ ଏବଂ 1/3 କାଟି ଦେଇଥିଲେ କିନ୍ତୁ ପ୍ରଶ୍ନରେ ଥିବା ଜମି ସମାନ ମୂଲ୍ୟରେ ନାହିଁ । ଜମିଗୁଡ଼ିକୁ ସମତଳ ଜମି ସହିତ ସମକକ୍ଷ କରିବା ପାଇଁ ସ୍ୱଷ୍ଟ ଭାବରେ ବିକଶିତ କରାଯିବା ଆବଶ୍ୟକ ଏବଂ ବିକାଶ ପାଇଁ ବିପୁଳ ପରିମାଣରେ ଅର୍ଥ ଆବଶ୍ୟକ । ସେହି ପରିସ୍ଥିତିରେ, କ୍ଷତିପୂରଣକୁ ଆହୁରି ବୃଦ୍ଧି କରିବା ପାଇଁ କୌଣସି ଆବଶ୍ୟକ ନାହିଁ ।

ପ୍ରତିସ୍ୱର୍ଦ୍ଧି ଯୁକ୍ତିକୁ ଦୃଷ୍ଟିରେ ରଖି, ବିଚାର ପାଇଁ ପ୍ରଶ୍ନ ହେଉଛି : 8 ରୁ 10 ଫୁଟ ଗଭୀର ଗର୍ତ୍ତ ଥିବା ଜମି ପାଇଁ, ସ୍ୱୀକାରଯୋଗ୍ୟ, ପ୍ରତି ବିଘା 7,000 ଟଙ୍କା ଅନୁଦାନ ପାଇଁ କ୍ଷତିପୂରଣ ଆହୁରି ବୃଦ୍ଧି କରିବାର ଆବଶ୍ୟକତା ଅଛି କି ? ଏହା ବିବାଦର ବିଷୟ ନୁହେଁ ଯେ, ପ୍ରତି ବିଘା ପାଇଁ 40,000 ଟଙ୍କା କ୍ଷତିପୂରଣ କେବଳ ଏକ ଛୋଟ ଜମି ପାଇଁ ଦିଆଯାଇଥିଲା । ଅନ୍ୟ ସମସ୍ତ କ୍ଷେତ୍ରରେ, ଯେଉଁ ଜମିରେ 8 ରୁ 10 ଫୁଟର ଗଭୀର ଗର୍ତ୍ତ ଅଛି, ସେହି ଜମିର ପ୍ରତି ବିଘା ପାଇଁ 7,000 ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି ଏବଂ ଏହା ଚୂଡ଼ାନ୍ତ ହୋଇଛି । ଜମିଗୁଡ଼ିକର ବିକାଶ ଆବଶ୍ୟକ ଏବଂ ସେଥିପାଇଁ ଖର୍ଚ୍ଚ ଆବଶ୍ୟକ । ଉଚ୍ଚ ନ୍ୟାୟାଳୟ ସମସ୍ତ ପ୍ରାସଙ୍ଗିକ ତଥ୍ୟକୁ ବିଚାର

କରି ଜାଣିବାକୁ ପାଇଛନ୍ତି ଯେ, 8 ରୁ 10 ଫୁଟ ଗଭୀର ଗର୍ତ୍ତ ଥିବା ଜମି ପାଇଁ ପ୍ରତି ବିଘା ପିଛା 7,000 ଟଙ୍କା ସମାନ ହାର ଉପଯୁକ୍ତ କ୍ଷତିପୂରଣ ହେବ । କୌଣସି ବାଧତାପୂର୍ଣ୍ଣ ଆବଶ୍ୟକତା ନଥିବା ଯୋଗୁଁ ଏବଂ ଉଚ୍ଚ ନ୍ୟାୟାଳୟ ଏହାକୁ ନଚାହିଁବା ହେତୁ ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣକୁ ବୃଦ୍ଧି କରିପାରିବୁ ନାହିଁ, ଯାହାକୁ ଭାରତୀୟ ସଂଘ ଦ୍ୱାରା ଆପତ୍ତି କରାଯାଇ ନାହିଁ । ଏହି ପରିସ୍ଥିତିରେ, ଆମେ କୌଣସି ହସ୍ତକ୍ଷେପର ଆବଶ୍ୟକତା ପାଉଥିବା କୌଣସି ପରିସ୍ଥିତି ପାଉନାହୁଁ ।

ତଦନୁସାରେ ଅପିଲକୁ ଖାରଜ କରାଯାଏ । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲ ଖାରଜ ହେଲା ।

—— o ——

ଅସ୍ୱୀକରଣ:

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ
ଯୋଗେଶ୍ୱର ହୋତା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।